ଓଡ଼ିଶା ବିଧାନସଭା

## ପଞ୍ଚମ ଅଧିବେଶନ

## ମୌଖିକ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ
## ୫ ଡିସେମ୍ବର, ୨୦୨୫

----

**[ଶିଳ୍ପ - ଉଚ୍ଚ ଶିକ୍ଷା - ବିଦ୍ୟାଳୟ ଓ ଗଣଶିକ୍ଷା - ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ - ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା - କ୍ରୀଡା ଓ ଯୁବକଲ୍ୟାଣ - ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି - ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ].**

**ମୋଟ ପ୍ରଶ୍ନର ସଂଖ୍ୟା 32**

----

### ମନ୍ଦିରଗୁଡିକର ପାରିପାର୍ଶ୍ୱିକ ଉନ୍ନତି

***66 ଶ୍ରୀ ମନୋରଞ୍ଜନ ଦ୍ୟାନ ସାମନ୍ତରା (ଚିକିଟି):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚିକିଟି ଓ ପାତ୍ରପୁର ବ୍ଲକର ନିମ୍ନଲିଖିତ ମନ୍ଦିରଗୁଡିକର ପାରିପାର୍ଶ୍ୱିକ ଉନ୍ନତି ନିମନ୍ତେ ସରକାର ପଦକ୍ଷେପ ନେବେ କି ? (1) ପର୍ଶୁରାମ କୁଣ୍ଡ, ପୁରିଆସାହି, (2) ଶ୍ରୀ ପାର୍ଥ ସାରଥି ଧାମ, ଜରଡ଼ାଗଡ, (3) ଶ୍ରୀ ପଣ୍ଡିମେଶ୍ୱରୀ ମନ୍ଦିର, ଜୟନୀପୁର, (4) ଶ୍ରୀ ଜଗନ୍ନାଥ ମନ୍ଦିର, ସୁରଙ୍ଗୀ, (5) କୁରେଇଶୁଣୀ ମନ୍ଦିର, ନୂଆଗଡ, (6) କୁଠାରୀ ମନ୍ଦିର, ପାତ୍ରପୁର, (7) ଭୈରବ ଚାଞ୍ଚଡା, ବାଦପୁର, (8) ବାରାହ ପଥରା, ଅଣ୍ଡଅଣ୍ଡା, (9) ଢଷିଡୋଲି, ଚିକିଟି, (10) ରତ୍ନେଶ୍ୱରୀ ମନ୍ଦିର, ଚିକିଟି ।

----

### Setup the MSME Industries in the State

***180 ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- How many new large & medium industries have been planned to be setup in the State in last year, Will the Government

provide detailed information district wise and status of each industry, including employment opportunity, amount of investment and target of completion?

----

## ଶିକ୍ଷକଙ୍କୁ ପୁନଃ ନିଯୁକ୍ତି

*211 **ଶ୍ରୀ ପ୍ରଦୀପ କୁମାର ସାହୁ (ବେଗୁନିଆ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡ଼ିଶାରେ କେଉଁ କେଉଁ ଜିଲ୍ଲାରେ କେତେ ଗଣ ଶିକ୍ଷକଙ୍କୁ ସ୍ଥାୟୀ ନିଯୁକ୍ତି ବେଳେ ନକଲି ଓଟିଇଟି ସାର୍ଟିଫିକେଟ୍ ଅଭିଯୋଗରେ ଚାକିରିରୁ ବହିସ୍କାର କରାଯାଇଛି, ପୁନଃ ନିଯୁକ୍ତି ପାଇଁ କିଛି ଶିକ୍ଷକ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ, ଉଚ୍ଚ ନ୍ୟାୟାଳୟରେ ଗୁରୁତର ସହ ବିଚାରକରି ପୁନଃ ନିଯୁକ୍ତି ପାଇଁ ଜିଲ୍ଲାକୁ ନିର୍ଦ୍ଦେଶ ଦେଇଥିଲେ, କେଉଁ କେଉଁ ଜିଲ୍ଲାର ଏହା କାର୍ଯ୍ୟକାରୀ ହୋଇଛି, କେଉଁ କେଉଁ ଜିଲ୍ଲାର କାର୍ଯ୍ୟକାରୀ ହୋଇନାହିଁ ତାହାର କାରଣ ଜଣାଇବେ କି ?

----

## +3 ବିଜ୍ଞାନ ପାଠ୍ୟକ୍ରମ ପ୍ରଚଳନ

*212 **ଶ୍ରୀ ମନୋରଞ୍ଜନ ଦ୍ୟାନ ସାମନ୍ତରା (ଚିକିଟି):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚିକିଟି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନୂଆପଡ଼ା ସ୍ଥିତ ବାଲାଜୀ ମହାବିଦ୍ୟାଳୟଠାରେ +3 ବିଜ୍ଞାନ ଶ୍ରେଣୀ ନଥିବାରୁ ଏ ଅଞ୍ଚଳର ଛାତ୍ରଛାତ୍ରୀମାନେ +3 ବିଜ୍ଞାନ ପଢ଼ିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ତେଣୁ ଏଠାରେ ଅତିଶୀଘ୍ର +3 ବିଜ୍ଞାନ ପାଠ୍ୟକ୍ରମ ପ୍ରଚଳନ ପାଇଁ ବ୍ୟବସ୍ଥା କରିବେ କି ?

----

## ଶିଳ୍ପ ସଂସ୍ଥାକୁ ଜମି ପ୍ରଦାନ

*213 **ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ (ରେଢ଼ାଖୋଲ):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେଉଁ କେଉଁ ଶିଳ୍ପ ସଂସ୍ଥାକୁ କିମ୍ବା ପ୍ରସ୍ତାବିତ ଶିଳ୍ପ ପାଇଁ କେଉଁ କେଉଁ ସ୍ଥାନରେ କେତେ ଜମି କେଉଁ ସର୍ତ୍ତରେ ଦିଆହୋଇଛି, ସେଥିରୁ କେତେ ପରିମାଣର ଜମି ବର୍ତ୍ତମାନସୁଦ୍ଧା ଉପଯୋଗ ହୋଇନାହିଁ, ସରକାର ସେହି ବଳକା ଜମିକୁ ଫେରାଇ ଆଣିବା ପାଇଁ କି ପଦକ୍ଷେପ ଗ୍ରହଣ କରିଛନ୍ତି?

----

## Construction of 100 Seat Ladies Hostel for ST/SC Girl Students

*214 **ଶ୍ରୀ ରଘୁନାଥ ଜଗଦଲା (ବୀରମହାରାଜପୁର):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- 100 seated ladies hostel for SC/ST girls student at Binika Block of Biramaharajpur Constituency has stopped the construction due to fund issue since 2013 can the govt. look into the matter

and help in construction of hostel ?

----

### ବ୍ଲକରେ Mini Stadium ନିର୍ମାଣ

***215 ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟ ସରକାର ପ୍ରତି ବ୍ଲକରେ ଗୋଟିଏ ଗୋଟିଏ Mini Stadium ନିର୍ମାଣ କରିବାର ଯୋଜନା ରଖୁଛନ୍ତି କି, ଯଦି ହଁ, ତେବେ ଏହାର କାର୍ଯ୍ୟ କେବେଠାରୁ ଆରମ୍ଭ ହେବ ଏବଂ ଏଥିପାଇଁ କେତେ ଅର୍ଥ ଖର୍ଚ୍ଚ ହେବ, ସରକାର ତାହାର ଆକଳନ କରିଛନ୍ତି କି ?

----

### ଯାଜପୁର ଜିଲ୍ଲାରେ ଥିବା ଦକ୍ଷତା ବିକାଶ କେନ୍ଦ୍ର

***216 ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଯାଜପୁର ଜିଲ୍ଲାରେ କେତୋଟି ଦକ୍ଷତା ବିକାଶ କେନ୍ଦ୍ର ଅଛି ବ୍ଲକୱାରୀ ତଥ୍ୟ ପ୍ରଦାନ କରିବେ କି; ( କ)ଏହି କେନ୍ଦ୍ର ଗୁଡ଼ିକରୁ କେତେ ପିଲା ପ୍ରତିବର୍ଷ କେଉଁ କେଉଁ ବିଷୟରେ ଦକ୍ଷତା ବୃଦ୍ଧି ପାଇଁ ଟ୍ରେନିଂ ପାଉଛନ୍ତି ଓ କେତୋଟି କମ୍ପାନୀକୁ ଗତ ୫ ବର୍ଷ ଭିତରେ Campus Selection ପାଇଁ ସରକାର ନିମନ୍ତ୍ରଣ କରି ସଫଳ ହୋଇଛନ୍ତି ; (ଖ) କେତେ ପିଲା ଗତ ୫ ବର୍ଷରେ ବିଭିନ୍ନ କମ୍ପାନୀର ନିଯୁକ୍ତି ପାଇଛନ୍ତି ଓ ଟ୍ରେନିଂ ପରେ ଆତ୍ମନିଯୁକ୍ତି ପାଇଁ ସରକାରୀ ପ୍ରୋତ୍ସାହନ କ'ଣ ଅଛି ଜଣାଇବେ କି ?

----

### ଶୁକର୍ଣ୍ଣିକା ମ୍ୟୁଜିୟମ ସ୍ଥାବର ଓ ଅସ୍ଥାବର ସଂପତ୍ତିକୁ ଦାନ କରିବା

***217 ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଟକ ଜିଲ୍ଲା ବାଙ୍କି ବ୍ଲକ ଅଧିନସ୍ଥ କଳାପଥର ନିକଟସ୍ଥ ପର୍ଶୁରାମପୁର ଠାରେ ଥିବା ଶୁକର୍ଣ୍ଣିକା ମ୍ୟୁଜିୟମ ରହିଅଛି,ଉକ୍ତ ଅନୁଷ୍ଠାନର ସମସ୍ତ ସ୍ଥାବର ଓ ଅସ୍ଥାବର ସଂପତ୍ତିକୁ ରାଜ୍ୟ ସରକାରଙ୍କୁ ଦାନ କରିବା ପାଇଁ ଲିଖିତ ପତ୍ର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାଙ୍କି ଗସ୍ତ ସମୟରେ ପ୍ରଦାନ କରାଯାଇଅଛି, ଏ ବିଷୟରେ ଆଶୁ ପଦକ୍ଷେପ ନେବେ ବୋଲି ପ୍ରତିଶୃତି ଦେଇଥିବାବେଳେ ସରକାର ଏ ବିଷୟରେ କି ପଦକ୍ଷେପ ନେଇଛନ୍ତି?

----

### ବିଧବା ଭତ୍ତା ଓ ଅବିବାହିତ କନ୍ୟା ଭତ୍ତା ପ୍ରଦାନ

***218 ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ କେତେଜଣ ବିଧବ ଭତ୍ତା ଓ ଅବିବାହିତ କନ୍ୟା ଭତ୍ତା ପାଉଛନ୍ତି ; ବର୍ତ୍ତମାନ କେତୋଟି ଦରଖାସ୍ତକାରୀ ଯୋଗ୍ୟ ହୋଇଥିଲେ ମଧ୍ୟ ପାଇବାକୁ ବାକି ଅଛନ୍ତି ; ଖୋର୍ଦ୍ଧା ଜିଲ୍ଲା ଭୁବନେଶ୍ୱର ବ୍ଲକ ଅଧିନରେ ଅପେକ୍ଷାରତ ହିତାଧିକାରୀଙ୍କ ସଂଖ୍ୟା କେତେ ; କେବେ ସୁଦ୍ଧା ସେମାନଙ୍କୁ ମିଳିବାର ଯୋଜନା କରାଯାଉଛି ; ଦରଖାସ୍ତ କରୁଥିବା ହିତାଧିକାରୀମାନଙ୍କୁ ତୁରନ୍ତ ନମିଳି ବର୍ଷ ବର୍ଷ ଲାଗିଯିବାର କାରଣ କଣ?

----

## ଖାଲିଥିବା ଶିକ୍ଷକ ପଦବୀ ପୂରଣ

***219 ଶ୍ରୀ ଆଶ୍ରିତ୍ ପଟ୍ଟନାୟକ (ପିପିଲି):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ପିପିଲି ଦୁଇଟି ବ୍ଲକର ଏଲିମେଣ୍ଟାରୀ ସ୍କୁଲ ଗୁଡିକରେ କେତେ ମଞ୍ଜୁରୀ ପ୍ରାପ୍ତ ଶିକ୍ଷକ, ଶିକ୍ଷୟତ୍ରୀ ପଦବୀ ରହିଛି, ସେଗୁଡିକ ପୂରଣ ହୋଇଛି କି ନାହିଁ, ଯଦି ହୋଇନାହିଁ ତାହା କେବେ ସୁଦ୍ଧା ପୂରଣ ହେବ ?

----

## ଦେବଗଡ଼ ମହାବିଦ୍ୟାଳୟର ଅଧ୍ୟାପକ ନିଯୁକ୍ତି

***220 ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଦେବଗଡ଼ ଜିଲ୍ଲାରେ ଥିବା ସର୍ବପୁରାତନ ଦେବଗଡ଼ ମହାବିଦ୍ୟାଳୟରେ ସମ୍ପୂର୍ଣ୍ଣ ଭାବେ କେତେ ଜଣ ଅଧ୍ୟାପକ ଅଧ୍ୟାପିକା ଏବଂ ଅନ୍ୟାନ୍ୟ କର୍ମଚାରୀ ରହିବାର ଆବଶ୍ୟକତା ଅଛି ବର୍ତ୍ତମାନ କେତେ ଜଣ କାର୍ଯ୍ୟରତ ଅଛନ୍ତି ଯଦି ନାହାନ୍ତି କେବେ ସୁଦ୍ଧା କେତେ ଜଣଙ୍କୁ ନିଯୁକ୍ତି ଦିଆଯିବ ତାହାର ସମ୍ପୂର୍ଣ ତଥ୍ୟ ପ୍ରଦାନ କରିବେ କି ?

----

## ବନ୍ଦ ହୋଇଥିବା ଇଡିକଲ ଅଡିଟୋରିୟମ ପୁନଃ ଖୋଲିବା

***221 ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଏକ ପ୍ରମୁଖ ଅଡିଟୋରିୟମ୍ "ଇଡିକଲ ଅଡିଟୋରିଅମ" ଦୀର୍ଘ ବର୍ଷ ଧରି ବନ୍ଦହୋଇ ପଡିରହିଛି ଫଳରେ ଅନେକ ସାଂସ୍କୃତିକ ଓ ବିଭିନ୍ନ କାର୍ଯ୍ୟକ୍ରମ ହୋଇପାରୁ ନଥିବା ସତ୍ୟ କି, ଏହି ଅଡିଟୋରିୟମର ବର୍ତ୍ତମାନସ୍ଥିତି ସମ୍ପର୍କରେ ଅବଗତ କରାଇବେ କି କେବେଠାରୁ ବନ୍ଦ ହୋଇପଡିଛି ଏବଂ ଏହା କେବେ ଖୋଲିବ ?

----

## ଛାତ୍ରବୃତ୍ତି ବଢାଇବା

***222 ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟ ସରକାର ସମଗ୍ର ରାଜ୍ୟରେ ଆଦିବାସୀ ଓ ଦଳିତ ଛାତ୍ରଛାତ୍ରୀମାନଙ୍କୁ ଦିଆଯାଉଥିବା ଛାତ୍ରବୃତ୍ତି ର ପରିମାଣ କେତେ ତାହା ଜଣାଇବା ସହିତ ବର୍ତ୍ତମାନର ଅହେତୁକ ଦରଦାମ ବୃଦ୍ଧିକୁ ଆଖି ଆଗରେ ରଖି ଉକ୍ତ ଛାତ୍ରବୃତ୍ତିକୁ ବଢାଇବା ପାଇଁ କୌଣସି ଯୋଜନା ପ୍ରସ୍ତୁତ କରିଛନ୍ତି କି?

----

## ଆନନ୍ଦପୁର ଓ ହାଟଡିହି ବ୍ଲକରେ ମିନି ଷ୍ଟାଡିୟମ ନିର୍ମାଣ

***223 ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପ୍ରତି ଜିଲ୍ଲାର ସମସ୍ତ ବ୍ଲକରେ Mini-stadium ନିର୍ମାଣ କରିବା ପାଇଁ ନିକଟରେ ଘୋଷଣା କରିଛନ୍ତି, ଏ ପରିପ୍ରେକ୍ଷୀରେ ଆନନ୍ଦପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଆନନ୍ଦପୁର ଓ ହାଟଡିହି ବ୍ଲକରେ Mini-stadium ନିର୍ମାଣ କରିବା ପାଇଁ କି ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## ବିଶ୍ୱ ଦକ୍ଷତା କେନ୍ଦ୍ର ମାଧ୍ୟମରେ Skill Training ପ୍ରଦାନ

***224 ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡିଶା ସରକାର ଗତ ୨୦୧୯ ମସିହାରୁ ଆଜି ପର୍ଯ୍ୟନ୍ତ ବିଶ୍ୱ ଦକ୍ଷତା କେନ୍ଦ୍ର ମାଧ୍ୟମରେ କେତେ ସଂଖ୍ୟକ ଯୁବକ ଓ ଯୁବତୀଙ୍କୁ Skill Training ପ୍ରଦାନ କରିଛନ୍ତି, ତାର ବର୍ଷୱାରୀ ତାଲିକା ପ୍ରଦାନ କରିବେ କି, ବିଶ୍ୱ ଦକ୍ଷତା କେନ୍ଦ୍ରରୁ Skilling ହୋଇଥିବା କେତେ ଯୁବକ ଓ ଯୁବତୀ ବର୍ତମାନ ଚାକିରି ପାଇଛନ୍ତି ?

----

## ସହିଦ ଲକ୍ଷ୍ମଣ ନାୟକଙ୍କ ପରିବାରବର୍ଗଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ

***225 ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜିଲ୍ଲାର ତଥା ରାଜ୍ୟର ଅନ୍ୟତମ ସ୍ୱାଧିନତା ସଂଗ୍ରାମୀ ସହିଦ୍ ଲକ୍ଷ୍ମଣ ନାୟକଙ୍କ ପରିବାର/ନିକଟତର ପରିବାର ବର୍ଗ ବିଗତ ୧୦ ବର୍ଷରେ ତାଙ୍କୁ ଦିଆଯାଇଥିବା ପ୍ରୋତ୍ସାହନରାଶି ଓ ଅନ୍ୟାନ ସୁବିଧା ସରକାରୀ ଓ ବେସରକାରୀ ଭାବେ ତାଙ୍କୁ କିପରି ଉପକୃତ ହୋଇଛନ୍ତି ?

----

## ଭିନ୍ନକ୍ଷମଙ୍କୁ ସରକାରୀ ସ୍ତରରେ ନିଯୁକ୍ତି

***226 ଶ୍ରୀ ପବିତ୍ର ସାଉଁତା (ଲକ୍ଷ୍ମୀପୁର):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀରେ କେତେ ଭିନ୍ନକ୍ଷମଙ୍କୁ ସରକାର ଶ୍ରବଣ ଯନ୍ତ୍ର, ତିନିଚକିଆ ସାଇକେଲ, କୃତିମ ହାତ ଗୋଡ଼, ଆଶା ବାଡ଼ି ଇତ୍ୟାଦି ଯୋଗାଇ ଦେଇଛନ୍ତି ଓ କେତେ ଆବେଦନ କରି ଅପେକ୍ଷା ରେ ଅଛନ୍ତି, କେତେ ଭିନ୍ନକ୍ଷମକୁ ସରକାରୀ ସ୍ତରରେ ନିଯୁକ୍ତି ଦିଆଯାଇଛି, କେତେ ଭିନ୍ନକ୍ଷମକୁ ବିଭିନ୍ନ ବେସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ସଂସ୍ଥାରେ କର୍ମନିଯୁକ୍ତି ଦିଆଯାଇଛି, ଗତ ୫ ବର୍ଷର ସମ୍ପୂର୍ଣ୍ଣ ତଥ୍ୟ ସହ ମାନସିକ ଅନଗ୍ରସର ମାନଙ୍କ ପାଇଁ ଉତ୍ତମ ଚିକିତ୍ସା, ସେମାନଙ୍କ ପାଠ ପଢ଼ା କ୍ଷେତ୍ରରେ କି କି ବ୍ୟବସ୍ଥା କରିଛନ୍ତି, (ଖ) ଯେଉଁ ମାନେ ସମ୍ପୂର୍ଣ୍ଣ ତଥା ସ୍ଥାୟୀ (permanent) ବିକଳାଙ୍ଗ ସେମାନଙ୍କୁ ୮୦% ରୁ କମ୍ ବାଲା ପ୍ରମାଣପତ୍ର ଦେବା କାରଣ କଣ, ସରକାର ଏକ ନିୟମ ପ୍ରଣୟନ କରି ଯେଉଁ ମାନେ ଚାଲି ବୁଲି ପାରୁ ନାହାନ୍ତି permanent ଡିଶାବିଲିଟି ସେମାନଙ୍କୁ ଚିହ୍ନଟ କରି ସିଧା ୮୦% ବ୍ୟବସ୍ଥା କରିବେ କି ?

----

## ଖାଲିଥିବା ଶିକ୍ଷକ ଓ ପ୍ରଧାନଶିକ୍ଷକ ପଦବୀ

***227 ଶ୍ରୀ ବିଭୁତି ଭୂଷଣ ବଳବନ୍ତରାୟ (ଜଟଣୀ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଖୋର୍ଦ୍ଧା ଜିଲ୍ଲାରେ ଥିବା ପ୍ରାଥମିକ, ଉଚ୍ଚ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ ମାନଙ୍କରେ ମଂଜୁରୀପ୍ରାପ୍ତ ପ୍ରଧାନଶିକ୍ଷକ, ବିଭିନ୍ନ ବର୍ଗର ଶିକ୍ଷକ ଓ କର୍ମଚାରୀ ପଦବୀରୁ କେତେ ପଦବୀ ଖାଲିଅଛି ; ଅବସର ହେତୁ 2025 ଓ 2026 ବର୍ଷରେ କେତେ ପଦବୀ ଖାଲିହେବ ପ୍ରକାଶ କରି ବର୍ତ୍ତମାନର ଖାଲିଥିବା ପଦବୀ ଓ ଆସନ୍ତା ଦୁଇବର୍ଷରେ ଅବସର ହେତୁ ଖାଲିହେବାକୁ ପଦବୀକୁ ଆକଳନ କରି ଶିକ୍ଷକ ଓ କର୍ମଚାରୀ ନିୟୋଜନ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

## ରାଜ୍ୟରେ ଥିବା B.Ed. College

***228 ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟରେ କେତେ ସରକାରୀ B.Ed. College ଅଛି ଓ ଏହି କଲେଜରେ ସର୍ବମୋଟ ସିଟ୍ ସଂଖ୍ୟା କେତେ, B.Ed. କଲେଜ ଗୁଡିକରେ ମଞ୍ଜୁରୀପ୍ରାପ୍ତ ଶିକ୍ଷକ/ଅଣ ଶିକ୍ଷକ ପଦବୀ ସଂଖ୍ୟାରୁ କେତେ ପଦବୀ ଖାଲି ପଡିଛି, ତାର କଲେଜୱାରୀ ତଥ୍ୟ ଦେବେ କି, (ଖ) B.Ed./M.Ed. କୋର୍ସ ପାଇଁ ଛାତ୍ରଛାତ୍ରୀଙ୍କ ଆଗ୍ରହ ବଢୁଥିବାରୁ ପ୍ରାଇଭେଟ୍ ଶିକ୍ଷା ପ୍ରତିଷ୍ଠାନଗୁଡିକରେ ଏହି କୋର୍ସ ପାଇଁ ସରକାର ଅନୁମତି ଦେବେ କି ?

----

## Industrial development planned for Sakshi Gopal NAC

***229 ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Satyabadi's most developed commercial settlement, Sakshi Gopal, is in transition toward NAC status. With the state pursuing plug-and-play industrial infrastructure through its Single Window system, may the govt. clarify: Has any industrial area development been

planned for Sakshi Gopal NAC as part of the state's 30 MSME parks or 8 new industrial areas initiative announced in 2024-25 ? What land bank allocation has been made available to the Puri district for MSME development, given that Puri historically lacks large and medium-scale industries according to the Directorate of Industries profile? Will the Government establish a dedicated Single Window sub-centre at the Satyabadi Vidhan Sabha office level to facilitate faster project clearance for local entrepreneurs, similar to block-level MSME clinics proposed in the state's recent convergence framework ?

----

## ଛାତ୍ର / ଛାତ୍ରୀ ଅନୁପାତର ଆବଶ୍ୟକ ଛାତ୍ରାବାସ ପ୍ରତିଷ୍ଠା

*230 **ଶ୍ରୀ ବଦ୍ରି ନାରାୟଣ ପାତ୍ର (ଘସିପୁରା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆଶ୍ରମ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀରୁ ଉତ୍ତୀର୍ଣ୍ଣ ହେବା ପରେ ଛାତ୍ର ଛାତ୍ରୀ ମାନଙ୍କର ସଂଖ୍ୟା ଅନୁପାତରେ ଆବଶ୍ୟକ ଅନୁଯାୟୀ ଛାତ୍ରାବାସ ବିଶିଷ୍ଟ ଉଚ୍ଚ ବିଦ୍ୟାଳୟ ନଥିବାରୁ ଏ ବର୍ଗର ଛାତ୍ର ଛାତ୍ରୀମାନେ ବହୁଳ ସଂଖ୍ୟାରେ ପାଠ ପଢାରୁ ବଞ୍ଚିତ ହୋଇଥିବା ସରକାର ଜାଣନ୍ତି କି ; କେଉଁଝର ଜିଲ୍ଲାରେ ଏହି କାରଣରୁ ପାଠ ପଢା ଛାଡୁଥିବା ଏ ବର୍ଗର ଛାତ୍ର ଛାତ୍ରୀ ମାନଙ୍କ ସଂଖ୍ୟା କେତେ ; ଏମାନଙ୍କ ପାଇଁ ଆଶ୍ରମ ବିଦ୍ୟାଳୟ ଗୁଡିକ Upgrade କରି ଅଥବା ନୂଆ High School ଖୋଲିବା ପାଇଁ ସରକାରଙ୍କ ପଦକ୍ଷେପ କ'ଣ ଅଛି ?

----

## ବ୍ଲକ ଷ୍ଟାଡିୟମ ନିର୍ମାଣ

*231 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦୁଝର ଜିଲ୍ଲା ତଥା ରାଜ୍ୟରେ କ୍ରୀଡା ବିକାଶ ଓ ପ୍ରସାର କରିବା ପାଇଁ ସରକାର ପ୍ରତ୍ୟେକ ବ୍ଲକ ମାନଙ୍କରେ ବ୍ଲକ ଷ୍ଟାଡିୟମ ନିର୍ମାଣ କରିବା ପାଇଁ ଘୋଷଣା କରିଥିଲେ, ସରକାରଙ୍କ ଘୋଷଣା ପ୍ରକାରେ ରାଜ୍ୟରେ କେତୋଟି ବ୍ଲକରେ ବ୍ଲକ ଷ୍ଟାଡିୟମ କାର୍ଯ୍ୟ ସରିଅଛି ଏବଂ କେତୋଟି କାର୍ଯ୍ୟ ଚାଲୁ ଅଛି ଏବଂ କେତୋଟି ବର୍ତ୍ତମାନ ସୁଦ୍ଧା ଆରମ୍ଭ କରାଯାଇ ନାହିଁ ଓ ଏହା କେଉଁ କାରଣରୁ ହୋଇ ପାରି ନାହିଁ ?

----

## ବୈଷୟିକ ଶିକ୍ଷାନୁଷ୍ଠାନର ନିୟମିତ Placement ସୁବିଧା

*232 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେଉଁ ଧରଣର କେତୋଟି ସରକାରୀ ଓ ଘରୋଇ ବୈଷୟିକ ଶିକ୍ଷାନୁଷ୍ଠାନ ଚାଲୁଛି ଓ ସେଥିରେ କେତେ ଛାତ୍ର ଛାତ୍ରୀ ଅର୍ଜନ କରିଛନ୍ତି ବା ତାଲିମ ନେଉଛନ୍ତି ସେମାନଙ୍କର ଚାକିରି ପାଇବା ଲାଗି ନିୟମିତ ଭାବେ Placement ସକାସେ କି ପଦକ୍ଷେପ ନିଆଯାଉଛି ଏବଂ 2024-25 ଆରମ୍ଭରୁ ଏଯାଏଁ କେତେ ଜଣଙ୍କୁ Placement ପଦବୀରେ ନିଯୁକ୍ତି ମିଳିଛି ?

----

## ମଠ ମନ୍ଦିରକୁ ମିଳିଥିବା ଅର୍ଥ

***233 ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Odisha State Archaeology ଅଧିନରେ ଥିବା କେତେ ମଠ, ମନ୍ଦିର ଅଛି, ୫ ବର୍ଷ ମଧ୍ୟରେ କେଉଁ ମଠ ଓ ମନ୍ଦିରକୁ State Archaeology ତରଫରୁ ମନ୍ଦିର ମରାମତି ପାଇଁ କେତେ ଟଙ୍କା ଦିଆଯାଇଛି ଏବଂ କି କି କାର୍ଯ୍ୟ ସମ୍ପାଦନ ହୋଇଛି; ଜିଲ୍ଲାୱାରୀ ତଥ୍ୟ ପ୍ରଦାନ କରିବେ କି?

----

## ଆବେଦନ କରିଥିବା ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା

***234 ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଭଦ୍ରକ ନିର୍ବାଚନ ମଣ୍ଡଳୀରେ ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା ଓ ବିକଳାଙ୍ଗ ଭତ୍ତା ପାଇଁ କେତେ ଲୋକ ଆବେଦନ କରିଛନ୍ତି ଓ କେତେ ଲୋକ ଏଯାବତ୍ ସହାୟତା ପାଇଛନ୍ତି, ଅନ୍ୟମାନେ କାହିଁକି ବଞ୍ଚିତ ଅଛନ୍ତି, ତାହାର ବିଶଦ ବିବରଣୀ ପ୍ରଦାନ କରିବେ କି, (ଖ) ଭତ୍ତା ପାଇବାକୁ ଯୋଗ୍ୟ ଥିବା ବୃଦ୍ଧ, ବିକଳାଙ୍ଗ ମାନଙ୍କୁ ଭତ୍ତା ଦେବାରେ ବିଳମ୍ବ ହେବାର କାରଣ କଣ, ତାହାର ତଥ୍ୟ ନିକଟରେ ଅଛି କି, ଯଦି ହଁ, ତେବେ ତାହା କେବେ ସୁଦ୍ଧା କାର୍ଯ୍ୟକାରୀ ହେବ ?

----

## ଛାତ୍ର ମେଧା ବୃତ୍ତି ଦ୍ୱାରା ଉପକୃତ ଛାତ୍ର

***235 ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିଦ୍ୟାଳୟ ଗୁଡ଼ିକରେ ଛାତ୍ର ମେଧା ବୃତ୍ତି ଯୋଜନା ରେ ଗତ ୫ ବର୍ଷ ମଧ୍ୟରେ କେତେ ଛାତ୍ର ଉପକୃତ ହୋଇଛନ୍ତି, ଏଥିପାଇଁ କେତେ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି?

----

## ମହାବିଦ୍ୟାଳୟର ଭିତ୍ତିଭୂମି ନିର୍ମାଣ

***236 ଶ୍ରୀ ଉମା ଚରଣ ମଲ୍ଲିକ (ଫୁଲବାଣୀ):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କନ୍ଧମାଳ ଜିଲ୍ଲା ଖଜୁରୀପଡାଠାରେ ଗତବର୍ଷ ଏକ ସରକାରୀ ଡିଗ୍ରୀ ମହାବିଦ୍ୟାଳୟ ଖୋଲାଯାଇଥିବା ବେଳେ ଆଜିସୁଦ୍ଧା ଏହାର ଭିତ୍ତିଭୂମି କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ, ଏହି ମହାବିଦ୍ୟାଳୟର ଭିତ୍ତିଭୂମି ନିର୍ମାଣ କାର୍ଯ୍ୟ କେବେ ସୁଧା ଆରମ୍ଭ ହେବ ?

----

## J.S.W. ଶିଳ୍ପ ସଂସ୍ଥାରେ ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି

***237 ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା):**

**ଶିକ୍ଷ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପାରାଦ୍ୱୀପ ଶିଳ୍ପାଞ୍ଚଳର ବିଭିନ୍ନ ଶିଳ୍ପାନୁଷ୍ଠାନ ଓ ଏରସମା ତହସିଲ ଅଧିନସ୍ଥ ପ୍ରସ୍ତାବିତ J.S.W. ଶିଳ୍ପ ସଂସ୍ଥାରେ ସ୍ଥାନୀୟ ଯୁବକଙ୍କୁ ଅଧିକ ସଂଖ୍ୟାରେ ନିଯୁକ୍ତି ଦେବା ନିମନ୍ତେ ସେମାନଙ୍କୁ I.T.I ପ୍ରଶିକ୍ଷଣ ଦେବାପାଇଁ ସରକାର କଣ ସବୁ ଯୋଜନା କରିଛନ୍ତି?

----

## ଛାତ୍ରୀ ନିବାସ ନିର୍ମାଣ

***238 ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀର ଖଣ୍ଡପଡ଼ା ବ୍ଲକ ଓ ସହରାଞ୍ଚଳ ସ୍ଥିତ ମହିଳା ମହାବିଦ୍ୟାଳୟଟିରେ ଆଦିବାସୀ ଅଧ୍ୟୁଷିତ, ଅନୁସୂଚିତ ଜାତି ସଂଖ୍ୟା ଲଘୁ ଓ ପଛୁଆବର୍ଗ ଛାତ୍ରୀମାନେ ବହୁ ସଂଖ୍ୟାରେ ଅଧ୍ୟୟନ କରୁଛନ୍ତି, ଏହାକୁ ଦୃଷ୍ଟିରେ ରଖି ଏକ ଛାତ୍ରୀନିବାସ ନିର୍ମାଣ ପାଇଁ କଣ ପଦକ୍ଷେପ ନିଆଯାଇଛି ତାର ସୂଚନା ଦେବେ କି ?

----

## Sports Hostel ଓ ଷ୍ଟାଡିୟମ ନିର୍ମାଣ ପାଇଁ ପ୍ରସ୍ତାବ

***239 ଶ୍ରୀ ଅଶୋକ କୁମାର ଦାସ (ବାସୁଦେବପୁର):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜିଲ୍ଲାରେ ୨୦୧୫ ମସିହା ଜାନୁଆରୀ ୧ରୁ ଆଜି ପର୍ଯ୍ୟନ୍ତ କେଉଁ କେଉଁ ସ୍ଥାନରେ କେତୋଟି ଷ୍ଟାଡିୟମ ନିର୍ମାଣ କରାଯାଇଛି ତା'ର ବ୍ଲକୱାରୀ ତାଲିକା ପ୍ରଦାନ କରିବେ କି, ଏହି ଷ୍ଟାଡିୟମ ନିର୍ମାଣ ନିମନ୍ତେ କେଉଁ ବର୍ଷ କେତେ ଅର୍ଥ ବ୍ୟୟ କରାଯାଇଛି ତା'ର ସମ୍ପୂର୍ଣ୍ଣ ତାଲିକା ପ୍ରଦାନ କରିବେ କି, ଜିଲ୍ଲାରେ ଖେଳାଳିଙ୍କ ନିମନ୍ତେ କେଉଁ କେଉଁ ସ୍ଥାନରେ ସ୍ପୋର୍ଟ୍ସ ହଷ୍ଟେଲ ନିର୍ମାଣ କରାଯାଇଛି, ସେଥିରେ କେତେ ସଂଖ୍ୟକ ଖେଳାଳି ରହୁଛନ୍ତି ଏବଂ ଖେଳାଳିମାନଙ୍କ ପାଇଁ କି କି ସୁବିଧା ସୁଯୋଗ ଯୋଗାଇ ଦିଆଯାଇଛି ତା'ର ସବିଶେଷ ତଥ୍ୟ ପ୍ରଦାନ କରିବେ କି, ଜିଲ୍ଲାରେ ନୂଆ ସ୍ପୋର୍ଟ୍ସ ହଷ୍ଟେଲ ଓ ଷ୍ଟାଡିୟମ କେଉଁ କେଉଁ ସ୍ଥାନରେ ନିର୍ମାଣ କରିବାକୁ ବିଭାଗ ନିକଟରେ ପ୍ରସ୍ତାବ ରହିଛି

----

## Sikho aur Kamao ଯୋଜନାରେ ପଛୁଆ ବର୍ଗ ଓ ସଂଖ୍ୟାଲଘୁ ଉପକୃତ

***240 ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ପଛୁଆ ବର୍ଗ ଓ ସଂଖ୍ୟାଲଘୁ ସମ୍ପ୍ରଦାୟର ଯୁବକ ଯୁବତୀଙ୍କ ପାଇଁ ଉଦ୍ଦିଷ୍ଟ କେନ୍ଦ୍ର ସରକାରଙ୍କ "Sikho aur Kamao" ଯୋଜନା ଏବଂ ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ସମଗ୍ର ରାଜ୍ୟରେ ଗତ ଦୁଇ ବର୍ଷରେ କେତେ ସଂଖ୍ୟକ ଯୁବକ ଯୁବତୀ ପ୍ରଶିକ୍ଷଣ ନେଉଛନ୍ତି ଏବଂ ପ୍ରଶିକ୍ଷଣ ପରବର୍ତ୍ତୀ ଅବସ୍ଥାରେ ସେମାନଙ୍କର ନିଯୁକ୍ତି ସମ୍ବନ୍ଧରେ ସରକାରଙ୍କ ପଦକ୍ଷେପ ଏବଂ ନିଯୁକ୍ତି ହାର ସମ୍ପର୍କରେ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିବେ କି ; (ଖ) ଏହି କ୍ରମରେ ଗତ ଦୁଇ ବର୍ଷରେ ବସ୍ତା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବସ୍ତା ଓ ବାଲିଆପାଳ ବ୍ଲକର ପଛୁଆବର୍ଗ ଓ ସଂଖ୍ୟାଲଘୁ ସମ୍ପ୍ରଦାୟର କେତେଜଣ ଯୁବକ ଯୁବତୀ ଏଥିରେ ଉପକୃତ ହୋଇଛନ୍ତି ?

----